# NATIONAL NEWS BULLETIN (ODIA)

## 21 June - 2025

## Morning Bulletin : 8.36 A.M.

*************************************************

## ମୁଖ୍ୟ ସମ୍ବାଦ

- ବିଶାଖାପଟନମ୍ ଠାରେ ଆନ୍ତର୍ଜାତିକ ଯୋଗଦିବସର ମୁଖ୍ୟ କାର୍ଯ୍ୟକ୍ରମରେ ସାମିଲ ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

– କହିଲେ ଯୋଗ ଆମକୁ ବିଶ୍ୱସହିତ ଏକ କରିଛି ।

- ଭାରତ ସହ ଦୀର୍ଘକାଳୀନ ସହଭାଗିତା ନିମନ୍ତେ ଖୁବ୍ ଶୀଘ୍ର ଚୂଡ଼ାନ୍ତ ହେବ ପ୍ରକ୍ରିୟା, କହିଛନ୍ତି ରୁଷ ରାଷ୍ଟ୍ରପତି ।

- ଅପରେସନ ସିନ୍ଧୁ ଅଧୀନରେ ଇରାନ୍‌ରୁ ଫେରିଲେ ୨୯୦ ଜଣ ଭାରତୀୟ ।

- ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ନୂଆ ଭାରତ ଆତଙ୍କବାଦର ଦୃଢ଼ ଜବାବ ଦେଉଛି ।

ଏବଂ

- ଲିଡସ୍‌ରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ତିନି ୱିକେଟ୍ ବିନିମୟରେ ୩୫୯ରନ୍ ସ୍କୋର କରିଛି ଭାରତ ।

## ପିଏମ୍–ମୋଦୀ ଯୋଗ

“ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ” ର ବାର୍ତ୍ତା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆଜି ଦେଶ ଏକାଦଶତମ ଆନ୍ତର୍ଜାତିକ ଯୋଗଦିବସ ପାଳନ କରୁଛି । ଆଜି ସକାଳେ ଆନ୍ଧ୍ରପ୍ରଦେଶର ବିଶାଖାପଟନମ ଠାରେ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନି ଲକ୍ଷରୁ ଅଧିକ ପ୍ରତିଯୋଗୀଙ୍କ ସହ ଯୋଗ ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଯୋଗର ସାଧାରଣ ଅର୍ଥ ହେଉଛି ଯୋଡ଼ିହେବା । ଆଜି ସମଗ୍ର ବିଶ୍ୱ ଯୋଗ ସହ ଯୋଡ଼ି ହୋଇଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ସମସ୍ତ ସୀମା ଅତିକ୍ରମ କରି ଯେକୌଣସି ପୃଷ୍ଠଭୂମି, ବୟସ ଓ କ୍ଷମତା ବାହାରେ ଯୋଗ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ । ଶ୍ରୀ ମୋଦୀ କହିଛନ୍ତି, ଯୋଗ ଆମକୁ ବିଶ୍ୱ ସହିତ ଏକ କରିଛି ଏବଂ ଏହା ଆମକୁ ଶିକ୍ଷା ଦେଇଛି ଯେ ଆମେ ସମସ୍ତେ ପ୍ରକୃତିର ଅଂଶ । ଯୋଗକୁ ଏକ ମହାନ ବ୍ୟକ୍ତିଗତ ଶୃଙ୍ଖଳା ଭାବେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହା ହେଉଛି ଏଭଳି ଏକ ବ୍ୟବସ୍ଥା ଯାହା ବ୍ୟକ୍ତିକୁ ସମାଜର ଏକ ଅଂଶ ଭାବେ ପରିଗଣିତ କରୁଛି । ସେ କହିଛନ୍ତି, ‘ମୁଁ’ ରୁ ‘ଆମେ’ ପର୍ଯ୍ୟନ୍ତ ଏହି ଯାତ୍ରା, ସେବା, ସମର୍ପଣ ଏବଂ  ସହାବସ୍ଥାନର ବାର୍ତ୍ତା ପ୍ରଦାନ କରୁଛି । ମାନବ ଜାତି ପାଇଁ ଯୋଗ ଆଜି ଏକ ସାମାଜିକ ଚିନ୍ତାଧାରାରେ ପରିଣତ ହୋଇଛି । ବିଶ୍ୱ ଶାନ୍ତି ନିମନ୍ତେ ମାନବତା ପାଇଁ ଯୋଗ ଟୁ ପଏଣ୍ଟ ଜିରୋ ର ଆଜିଠାରୁ ଆରମ୍ଭ ହେଉ ବୋଲି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । **V/O-PM On Youga**

ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଆୟୁଷ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ପ୍ରତାପ ରାଓ ଯାଦବ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ସହ ୧୧ ହଜାର ୯ ଜଣ ନୌସେନା ଅଧିକାରୀ ଯୋଗ ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଯୋଗ ପାଳନ ସମୟରେ ଦେଶର ୧୦ ଲକ୍ଷ ସ୍ଥାନରେ ଯୋଗ ସଂଗମ ଅନୁଷ୍ଠିତ ହେଉଛି ।

ଆନ୍ତର୍ଜାତିକ ଯୋଗଦିବସ ଅବସରରେ ନୂଆ ଗିନିସ୍ ବିଶ୍ୱରେକର୍ଡ ସ୍ଥାପନ ଲକ୍ଷ୍ୟରେ ବିଶାଖାପଟନମ୍‌ର ଆର୍.କେ. ବିଚ୍‌ରୁ ଭୋଗପୁରମ୍ ପର୍ଯ୍ୟନ୍ତ ୨୬ କିଲୋମିଟର ଦୀର୍ଘ ଅଞ୍ଚଳରେ ଯୋଗ ପ୍ରଦର୍ଶନ କରାଯାଉଛି । ଆନ୍ଧ୍ରପ୍ରଦେଶ ସରକାର ଗିନିସ୍ ବିଶ୍ୱ ରେକର୍ଡ ଲାଗି ଆଜିର ଦିବସରେ ସହଯୋଗ କରୁଛନ୍ତି । ଅନ୍ୟ ପକ୍ଷରେ ଆନ୍ଧ୍ର ସରକାରଙ୍କ ଦ୍ୱାରା ପଞ୍ଜିକୃତ ପ୍ରତିଯୋଗିମାନଙ୍କୁ ୫୦ ଲକ୍ଷରୁ ଅଧିକ ଯୋଗ ପ୍ରମାଣପତ୍ର ପ୍ରଦାନ କରାଯିବ ।

ବିଶାଖାପଟନମ୍‌ରେ ଗତକାଲି ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଦ୍ୱାରା ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ୨୫ ହଜାର ଆଦିବାସୀ ଛାତ୍ରଛାତ୍ରୀ ୧୦୮ ମିନିଟ୍‌ରେ ୧୦୮ଟି ସୂର୍ଯ୍ୟ ନମସ୍କାର ପ୍ରଦର୍ଶନ କରିଥିଲେ ।

ଜାତୀୟ ରାଜଧାନୀ ଦିଲ୍ଲୀର ଐତିହାସିକ ଲାଲକିଲା ସମେତ ୧୦୯ଟି ସ୍ଥାନରେ ଯୋଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଲାଲକିଲାରେ ଏକ ବିଶ୍ୱ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ ଶୀର୍ଷକରେ ବ୍ରହ୍ମକୁମାରୀମାନେ ଆୟୁଷ ମନ୍ତ୍ରଣାଳୟ, ମୋରାଜି ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନ ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଯୋଗ

ଦିବସ ପାଳନ କରିବେ । ଯୋଗର ଲାଭ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ପ୍ରତ୍ୟେକ ଗ୍ରାମପଞ୍ଚାୟତକୁ ପତ୍ର ଲେଖିଛନ୍ତି । ସେ କହିଛନ୍ତି, ଯୋଗ କେବଳ ଭାରତରେ ନୁହେଁ ସାରା ବିଶ୍ୱରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ସଫଳ ହୋଇଛି ।

## ପିଏମ୍-ଓଡ଼ିଶା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବର୍ତ୍ତମାନର ବିଜେପି ସରକାର ଆଦିବାସୀ ସମାଜକୁ ନକ୍ସଲବାଦରୁ ମୁକ୍ତ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ସଫଳ ହୋଇଛନ୍ତି । ଗତକାଲି ଓଡ଼ିଶାରେ ବିଜେପି ସରକାରର ଏକବର୍ଷ ପୂର୍ତ୍ତି ପାଳନ ଅବସରରେ ୧୮ ହଜାର ୬୦୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ବିକାଶର ଡବଲ୍ ଇଞ୍ଜିନ୍ ସରକାର ଚାଲିଛି ଏବଂ ଏଥିରେ ଆଦିବାସୀମାନଙ୍କ ବିକାଶ ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଇଛି । **V/O-PM-NAXAL**

## ଇଣ୍ଡିଆ-ରୁଷ-ପୁଟିନ

ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ କହିଛନ୍ତି, ୨୦୩୦ ପର୍ଯ୍ୟନ୍ତ ଭାରତ ସହ ଦୀର୍ଘକାଳୀନ ସହଭାଗିତା ନିମନ୍ତେ ଖୁବ୍ ଶୀଘ୍ର ପ୍ରକ୍ରିୟା ଚୂଡ଼ାନ୍ତ ହେବ । ଗତକାଲି ସେଣ୍ଟ ପିଟର୍ସ୍‌ବର୍ଗ ଆନ୍ତର୍ଜାତିକ ଅର୍ଥନୈତିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ପୁଟିନ କହିଛନ୍ତି, ମସ୍କୋ' ଭାରତ ସମେତ ତାର ସହଯୋଗୀ ଦେଶଗୁଡ଼ିକ ସହ ଦୀର୍ଘସୂତ୍ରୀ ଅର୍ଥନୈତିକ ସହଯୋଗ ଯୋଜନାକୁ ଚୂଡ଼ାନ୍ତ

ରୂପରେଖ ଦେବାକୁ ଯାଉଛି । ଚୀନ୍ ଏବଂ ରୁଷ ନୂଆ ବିଶ୍ୱ ବ୍ୟବସ୍ଥା ସୃଷ୍ଟି କରୁଥିବା ବିଷୟକୁ ସେ ଖଣ୍ଡନ କରିଛନ୍ତି ।

ସେଣ୍ଟ୍‌ପିଟର୍ସ୍‌ବର୍ଗ ଆନ୍ତର୍ଜାତିକ ଅର୍ଥନୈତିକ ସମ୍ମିଳନୀର ଚଳିତ ବର୍ଷର ବିଷୟବସ୍ତୁ ରହିଛି – "ବହୁମୁଖୀ ବିଶ୍ୱରେ ବିକାଶ ନିମନ୍ତେ ମୂଲ୍ୟବୋଧ ଆଦାନପ୍ରଦାନ" । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସମ୍ମିଳନୀରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି । ନିଜ ଉଦ୍‌ବୋଧନରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ କୃତ୍ରିମ ବୁଦ୍ଧିମତା ଏବଂ ସମାବେଶୀ ପ୍ରଯୁକ୍ତିବିଦ୍ୟାର ବିକାଶରେ ଭାରତର ଭୂମିକା ସମ୍ପର୍କରେ କହିଛନ୍ତି ।

# ଫ୍ଲାଇଟ୍ ଅପରେସନ୍ ସିନ୍ଧୁ

ଇରାନ୍‌ରୁ ୨୯୦ ଜଣ ଭାରତୀୟ ନାଗରିକଙ୍କୁ ନେଇ ସ୍ୱତନ୍ତ୍ର ବିମାନ ଗତ ରାତିରେ ନୂଆଦିଲ୍ଲୀରେ ପହଞ୍ଚିଛି । ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଅପରେସନ୍ ସିନ୍ଧୁ ଅଧୀନରେ ଭାରତୀୟ ନାଗରିକମାନଙ୍କୁ ସ୍ୱଦେଶ ଅଣାଯାଇଛି । ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ବିବାଦ ଏବଂ ଆକ୍ରମଣ ଓ ପ୍ରତି ଆକ୍ରମଣ ପରେ ପରିସ୍ଥିତି ଦିନକୁ ଦିନ ଖରାପ ଦିଗକୁ ଗତି କରୁଥିବାରୁ ଏହି ପଦକ୍ଷେପ ନିଆଯାଇଛି ।

ଅପରେସନ ସିନ୍ଧୁ ଅଧୀନରେ ଇରାନ୍ ସ୍ଥିତ ଭାରତୀୟ ଦୂତାବାସ ସେଠାରେ ରହୁଥିବା ଭାରତୀୟ ନାଗରିକମାନଙ୍କୁ ପ୍ରଥମେ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ପରେ ସ୍ୱତନ୍ତ୍ର ବିମାନରେ ଦେଶକୁ ଅଣାଯାଉଛି । ସେଠାରେ ରହୁଥିବା ଭାରତୀୟ ନାଗରିକମାନଙ୍କୁ ଇରାନ୍ ତେହେରାନ ସ୍ଥିତ ଭାରତୀୟ ଦୂତାବାସ ସହ ଯୋଗାଯୋଗରେ ରହିବା ଲାଗି ପରାମର୍ଶ ଦିଆଯାଇଛି । ନୂଆଦିଲ୍ଲୀରେ

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି । ତେହେରାନ୍‌ରେ ଭାରତୀୟ ଦୂତାବାସ ପକ୍ଷରୁ ଜାରି କରାଯାଇଥିବା ଜରୁରୀକାଳୀନ ସହାୟତା ନମ୍ବର ହେଉଛି – ୯୮-୯୧୨୮-୧୦୯୧-୧୫ ଓ ୯୮-୯୧୨୮-୧୦୯୧-୦୯, ହ୍ୱାଟସ୍‌ଆପ୍ ନମ୍ବର ହେଉଛି – ୯୮-୯୦୧-୦୪୪-୫୫୭, ୯୦୧-୫୯୯-୩୩୨୦ ଏବଂ ୮୦୮୬-୮୭୧୭-୦୯ । ଦିଲ୍ଲୀର ସହାୟତା ନମ୍ବର ହେଉଛି – ୮୦୦-୧୧୮-୭୯୭ ଓ ହ୍ୱାଟସ୍‌ଆପ୍ ନମ୍ବର ହେଉଛି – ୯୧-୯୯୬-୮୨୯-୧୯୮୮ ।

## ରାଜନାଥ ସିଂହ- ଅପରେସନ ସିନ୍ଦୂର

ଅପରେସନ ସିନ୍ଦୂର ଆତଙ୍କବାଦୀ ଏବଂ ସେମାନଙ୍କ ପୃଷ୍ଠପୋଷକମାନଙ୍କୁ ଭାରତର ଆତଙ୍କବାଦ ନିରୋଧି ପଦକ୍ଷେପ ସମ୍ପର୍କରେ ଦୃଢ଼ ବାର୍ତ୍ତା ପ୍ରଦାନ କରିଥିବା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ସେ କହିଛନ୍ତି, ନୂଆ ଭାରତ ଆତଙ୍କବାଦର ଶିକାର ହେବା ବଦଳରେ ଏଣିକି ଦୃଢ଼ତାର ସହିତ ଏହାର ଜବାବ ଦେଉଛି । ଗତକାଲି ପ୍ରତିରକ୍ଷା ମନ୍ତ୍ରୀ ଜାମ୍ମୁ କାଶ୍ମୀରର ଉଦ୍ଧମପୁରରେ ନର୍ଦ୍ଦମ କମାଣ୍ଡର ଜବାନମାନଙ୍କ ସହ ଆଲୋଚନା ବେଳେ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କୀ ଆଡ୍ଡା ଗୁଡ଼ିକୁ ସଠିକ୍ ଭାବେ ଲକ୍ଷ୍ୟ କରି ଧ୍ୱଂସ କରିଥିବାରୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଦେଶ ଏବେ ଆତଙ୍କବାଦ ପ୍ରତି ତାର ଆଭିମୁଖ୍ୟରେ ପରିବର୍ତ୍ତନ କରିଛି, ଯାହାଫଳରେ ଅପରେସନ୍ ସିନ୍ଦୂରରେ ସଫଳତା ମିଳିପାରିଛି । **V/O-**

**Rajnath Singh**

ଅପରେସନ୍ ସିନ୍ଦୂରକୁ ପ୍ରତିରକ୍ଷା ମନ୍ତ୍ରୀ କେବଳ ଏକ ସାମରିକ କାର୍ଯ୍ୟାନୁଷ୍ଠାନ ନୁହେଁ ବରଂ ସୀମାପାର ଆତଙ୍କବାଦ ଓ ଆତଙ୍କବାଦୀ ସଂଗଠନ ଗୁଡ଼ିକ ପ୍ରତି ସତର୍କ ଘଣ୍ଟି ବୋଲି କହିଛନ୍ତି । ସେ କହିଛନ୍ତି, ଅପରେସନ ସିନ୍ଦୂର ଶେଷ ହୋଇନାହିଁ ।

ଆନ୍ତର୍ଜାତିକ ଯୋଗ ଦିବସର ଅବ୍ୟବହିତ ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ଯବାନମାନଙ୍କ ଜୀବନରେ ଶାରିରୀକ ଏବଂ  ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ପ୍ରତିରକ୍ଷା ମନ୍ତ୍ରୀଙ୍କ ଗସ୍ତ ସମୟରେ ସେନା ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ, ନର୍ଦ୍ଦମ କମାଣ୍ଡ ମୁଖ୍ୟ ଲେପ୍ଟନାଣ୍ଟ ଜେନେରାଲ୍ ପ୍ରତୀକ ଶର୍ମା ଏବଂ ଭାରତୀୟ ସେନାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀ-ଯୋଗ

ଯୋଗର ଅର୍ଥ ସମାନତା ଏବଂ ସନ୍ତୁଳନ । ଚାପମୁକ୍ତ ଜୀବନ ପାଇଁ ଯୋଗ ସାମଗ୍ରିକ ମାର୍ଗଦର୍ଶନ ଦିଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଯୋଗ କୌଣସି ଧର୍ମରେ ସୀମିତ ରହେ ନାହିଁ, ବରଂ ଶାରୀରିକ, ବୌଦ୍ଧିକ, ମାନସିକ ଏବଂ ଆଧ୍ୟାତ୍ମିକତାର ଅପୂର୍ବ ସଙ୍ଗମ ।

କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ଯୋଗଦିବସ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଯୋଗ ଦେଇଛନ୍ତି ।

ରାଜ୍ୟର ବିଭିନ୍ନ ସ୍ଥାନରେ ଯୋଗଦିବସ ପାଳନ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି ।

## ଇଣ୍ଡିଆ-ଇଂଲଣ୍ଡ ଟେଷ୍ଟ କ୍ରିକେଟ୍

ଲିଡସ୍‌ରେ ଆରମ୍ଭ ହୋଇଥିବା ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ପ୍ରଥମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଭାରତ ୩ ଓ୍ୱିକେଟ୍ ହରାଇ ୩୫୯ରନ୍‌ର ସ୍କୋର କରିଛି । ଆଜି ଅପରାହ୍ଣରେ ଅଧିନାୟକ ଶୁଭମନ ଗିଲ୍ ଏବଂ ଉପଅଧିନାୟକ ରିଷଭ ପନ୍ଥ ବ୍ୟାଟିଂ ଆରମ୍ଭ କରିବେ । ଗତକାଲିର ଖେଳରେ ଯଶସ୍ୱୀ ଜୟସ୍ୱାଲ୍ ତାଙ୍କ ଟେଷ୍ଟ କ୍ୟାରିୟର୍‌ର ପଞ୍ଚମ ଶତକ ହାସଲ କରିଛନ୍ତି । ଅଧିନାୟକ ଶୁଭମନ ଗିଲ୍ ୧୨୭ ରନ୍ କରି ଅପରାଜିତ ଥିବାବେଳେ ରିଷଭ ପନ୍ଥ ୬୫ରନ୍ କରି କ୍ରିଜ୍‌ରେ ଅଛନ୍ତି ।

## ସ୍ପୋଟସ୍ ରାଉଣ୍ଡଅପ୍

ଏଫ୍.ଆଇ.ଏଚ୍. ହକି ପ୍ରୋ ଲିଗ୍‌ରେ ଆଜି ଉଭୟ ଭାରତର ପୁରୁଷ ଓ ମହିଳା ହକି ଦଳ ବେଲ୍‌ଜିୟମ୍ ସହ ଖେଳିବେ । ଭାରତୀୟ ପୁରୁଷ ହକି ଦଳ ୬ଟି ମ୍ୟାଚ୍‌ରେ ପରାସ୍ତ ହେବା ପରେ ତାଲିକାର ତୃତୀୟ ସ୍ଥାନରେ ଥିବା ବେଲ୍‌ଜିୟମ୍ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରିବେ ।

ଭାରତୀୟ ଜାଭ୍‌ଲିନ୍ ତାରକା ନିରଜ ଚୋପରା ପ୍ୟାରିସ୍ ଡାଇମଣ୍ଡ ଲିଗ୍ ପ୍ରତିଯୋଗିତାରେ ବିଜୟ ଲାଭ କରିଛନ୍ତି । ସେ ପ୍ରଥମ ଥ୍ରୋରେ ୮୮ ଦଶମିକ୍ ୧/୬ ମିଟର ଲକ୍ଷ୍ୟ ହାସଲ କରିଥିଲେ ।